# NATIONAL NEWS BULLETIN (ODIA)

## 22 August - 2026

## Evening Bulletin : 7.15 P.M.

******************************

## ମୁଖ୍ୟ ସମ୍ବାଦ

- ସିଲିଗୁଡ଼ି କରିଡ଼ର'ର ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

– ପୂର୍ବାଞ୍ଚଳ ସୀମା ସୁରକ୍ଷା ବୈଠକରେ ବରିଷ୍ଠ ପଦାଧିକାରୀଙ୍କ ସହ କଲେ ଆଲୋଚନା

- ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍‌ଠାରେ ଆରମ୍ଭ ହେଲା ବ୍ରିକ୍ସ ଯୁବମନ୍ତ୍ରୀଙ୍କ ବୈଠକ; କ୍ରୀଡ଼ାମନ୍ତ୍ରୀଙ୍କ ବୈଠକ ଆସନ୍ତାକାଲି
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଦେଶରେ ମାସେବ୍ୟାପୀ ବିଜେପି ପକ୍ଷରୁ ପାଳନ କରାଯିବ ସେବା ସଂକଳ୍ପ ଅଭିଯାନ
- ସୁପ୍ରିମକୋର୍ଟରେ ଜାରି ରହିଛି ତିନିଦିନିଆ ସମାଧାନ ସମାରୋହ କାର୍ଯ୍ୟକ୍ରମ

– ପ୍ରଥମ ଦିନରେ ଆଜି ୪୦୦ରୁ ଊର୍ଦ୍ଧ୍ୱ ମାମଲାର ହୋଇଛି ଫଏସଲା

ଏବଂ

- ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ବିଶ୍ୱକପ୍ ପ୍ରତିଯୋଗିତାରେ ସେମିଫାଇନାଲ ପର୍ଯ୍ୟାୟରେ ଚୀନ୍ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାସ୍ତ ହେଲେ ଭାରତୀୟ ମହିଳା ଯୋଡ଼ି

## ଆଜ ଶାହା- ଦାର୍ଜିଲିଂ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶର ପୂର୍ବାଞ୍ଚଳ ସୀମା ସୁରକ୍ଷା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମୀକ୍ଷା କରିଛନ୍ତି। ଚିକେନ୍ସ ନେକ୍' ଭାବେ ପରିଚିତ ସିଲିଗୁଡ଼ି କରିଡ଼ର'ର ସୁରକ୍ଷା ଉପରେ ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ପଶ୍ଚିମବଙ୍ଗ ଗସ୍ତର ତୃତୀୟ ତଥା ଚୂଡ଼ାନ୍ତ ଦିନ ଗସ୍ତ ଅବସରରେ ସୁକ୍ନାଠାରେ ପଶ୍ଚିମବଙ୍ଗର ବରିଷ୍ଠ ପଦାଧିକାରୀ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳଙ୍କ ସହ ବୈଠକରେ ଆଲୋଚନା କରିଛନ୍ତି। ସୀମାରେ ମୁତୟନ ସୀମା ସୁରକ୍ଷା ବଳ ଏବଂ ସଶସ୍ତ୍ର ସୀମା ବଳ ଏହି ବୈଠକରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୀମାନ୍ତରେ ସୁରକ୍ଷା ନିରୀକ୍ଷଣ, କେନ୍ଦ୍ରୀୟ ସୁରକ୍ଷା ବଳକୁ ଅଧିକ ସହଯୋଗ କରିବା, ଗୁପ୍ତଚରୀ ସଂସ୍ଥା, ରାଜ୍ୟ ପୁଲିସ, ପ୍ରଶାସନକୁ ନେଇ ଏକ ତ୍ରିକୋଣୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା। ସିଲିଗୁଡ଼ି ଅଞ୍ଚଳ ଆନ୍ତର୍ଜାତିକ ସୀମାରେଖାକୁ ସ୍ପର୍ଶ କରୁଥିବା ନେପାଳ, ଭୂଟାନ ଏବଂ ବାଂଲାଦେଶ ସୀମା ସଂଲଗ୍ନ ଥିବାରୁ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଏ। ସଂକୀର୍ଣ୍ଣ ସିଲିଗୁଡ଼ି କରିଡ଼ର ଦେଶର ଉତ୍ତର-ପୂର୍ବାଞ୍ଚଳ ସହ ଗୁରୁତ୍ୱପୂର୍ଣ୍ଣ ସ୍ଥଳପଥ ସଂଯୋଗୀକରଣ କରିଥାଏ।

# ଶାହା ଦାର୍ଜିଲିଂ ମିଟିଂ

ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆଜି ଶିଲିଗୁଡ଼ିର ସୁକନାରେ ଥିବା ଏକ ରିସୋର୍ଟରେ ବରିଷ୍ଠ ଗୋର୍ଖା ନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଅଗ୍ରୱାଲ, ମଧ୍ୟସ୍ଥ ପଙ୍କଜ ସିଂହ, ସୂଚନା ଓ ପ୍ରସାରଣ ନିର୍ଦ୍ଦେଶକ ମହେଶ ଦୀକ୍ଷିତ, ପାହାଡ଼ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମନ୍ତ୍ରୀ ବିଶାଳ ଲାମା, ଲୋକସଭା ସାଂସଦ ରାଜୁ ବିଷ୍ଟା, ରାଜ୍ୟସଭା ସାଂସଦ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା, ଗୋର୍ଖା ଜନମୁକ୍ତି ମୋର୍ଚ୍ଚା ସଭାପତି ବିମଲ ଗୁରୁଙ୍ଗ ଏବଂ ଗୋର୍ଖା ନ୍ୟାସନାଲ ଲିବରେସନ୍ ଫ୍ରଣ୍ଟର ସଭାପତି ମାନ ଘିସିଂ ଏହି ବୈଠକରେ ଉପସ୍ଥିତ ଥିଲେ। ଏହା ସହିତ ପାଞ୍ଚଜଣ ଖୋର୍ଖା ବିଧାୟକ ଏବଂ ଅନ୍ୟ କେତେକ ଗୋର୍ଖା ନେତା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଗଣମାଧ୍ୟମକୁ ଦାର୍ଜିଲିଂ ଲୋକସଭା ସାଂସଦ ରାଜୁ ବିଷ୍ଟା କହିଛନ୍ତି, ଏହି ବୈଠକ ଅତ୍ୟନ୍ତ ବିଶ୍ୱସନୀୟ ଏବଂ ସମସ୍ତ ଗୋର୍ଖା ନେତାମାନେ ସେମାନଙ୍କର ବିଭିନ୍ନ  ସମସ୍ୟା ଗଠନମୂଳକ ଭାବେ ଉପସ୍ଥାପନ କରିଛନ୍ତି। ଉପସ୍ଥିତ ନେତୃବୃନ୍ଦଙ୍କର ବିଭିନ୍ନ ସମସ୍ୟାକୁ ଶୁଣି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସମସ୍ୟା ସମାଧାନ ଦିଗରେ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ବୈଠକ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଘୋଷଣା କରି କହିଛନ୍ତି, ଏକ ଉଚ୍ଚସ୍ତରୀୟ କମିଟି ମାଧ୍ୟମରେ ବିଭିନ୍ନ ପ୍ରସଙ୍ଗ ଉପରେ ସମାଧାନ

କରାଯିବ। ଏହି କମିଟିରେ ପୂର୍ବତନ ବିଏସ୍ଏଫ୍ ନିର୍ଦ୍ଦେଶକ ଏବଂ ଜାତୀୟ ଉପ ସୁରକ୍ଷା ପରାମର୍ଶଦାତା ପଙ୍କଜ ସିଂହ ଏଥିରେ ଅଧ୍ୟକ୍ଷତା କରିବେ। ଏହି ବୈଠକ ଅତ୍ୟନ୍ତ ଫଳପ୍ରଦ ଏବଂ ସନ୍ତୋଷଜନକ ହୋଇଛି ବୋଲି ଗୋର୍ଖା ଜନମୁକ୍ତି ମୋର୍ଚ୍ଚା ସମ୍ପାଦକ ରୋଶନ ଗିରି ଗଣମାଧ୍ୟମକୁ କହିଛନ୍ତି।

## ଏପି-ବ୍ରିକ୍ସ

ଆନ୍ଧ୍ରପ୍ରଦେଶର ବିଶାଖାପାଟନମଠାରେ ବ୍ରିକ୍ସ ଯୁବମନ୍ତ୍ରୀଙ୍କ ବୈଠକ ଆରମ୍ଭ ହୋଇଛି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ଶିକ୍ଷା, ଦକ୍ଷତା ବିକାଶ, ଉଦ୍ୟୋଗୀ କ୍ଷେତ୍ର, ଜନକଲ୍ୟାଣ ଏବଂ ନିରନ୍ତର ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବ। ଯୁବବର୍ଗଙ୍କ ବିକାଶ ଏବଂ ସଶକ୍ତୀକରଣ କ୍ଷେତ୍ରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ଆଲୋଚନା ହେଉଛି।

ବ୍ରିକ୍ସ କ୍ରୀଡ଼ାମନ୍ତ୍ରୀଙ୍କ ବୈଠକ ଆସନ୍ତାକାଲି ବିଶାଖାପାଟନମଠାରେ ଅନୁଷ୍ଠିତ ହେବ। ଏଥିରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ନେଇ ମତ ବିନିମୟ ହେବାର ସମ୍ଭାବନା ରହିଛି। ଏହି ବୈଠକଗୁଡ଼ିକରେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଆଦାନ ପ୍ରଦାନ, ସହଭାଗିତା ପାଇଁ ନୂତନ କ୍ଷେତ୍ର ଚିହ୍ନଟ ଏବଂ ଯୁବବର୍ଗଙ୍କ ଅଂଶଗ୍ରହଣ ତଥା

କ୍ରୀଡ଼ା ବିକାଶ ମାଧ୍ୟମରେ ସମାବେଶୀ ଅଭିବୃଦ୍ଧି ନେଇ ସମନ୍ୱିତ ପ୍ରୟାସ ଉପରେ ଆଲୋଚନା କରାଯିବ।

ବୈଠକର ଅବ୍ୟବହିତ ପୂର୍ବରୁ ଆଜି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମନ୍ତ୍ରୀ ତଥା ପ୍ରତିନିଧି ମଣ୍ଡଳୀ' ମନ୍ତ୍ରୀ ଡକ୍ଟର ମାଣ୍ଡବ୍ୟଙ୍କ ସହ ବିଶାଖାପାଟନମ ନିକଟସ୍ଥ ଥୋଟଲାକୋଣ୍ଡା ବୌଦ୍ଧ ଐତିହ୍ୟସ୍ଥଳ ପରିଦର୍ଶନ କରିଥିଲେ। ଏହି ସ୍ଥଳୀର ଐତିହାସିକ ଗୁରୁତ୍ୱ ଏବଂ ବହୁବର୍ଷ ଧରି ସେଠାରେ ରହୁଥିବା ବୌଦ୍ଧ ଭିକ୍ଷୁଙ୍କ ଜୀବନାଚର୍ଯ୍ୟ ସମ୍ପର୍କରେ ଏହି ପ୍ରତିନିଧିମଣ୍ଡଳୀ ଅବଗତ ହୋଇଥିଲେ। 'ଏକ ପେଡ଼, ମା' କେ ନାମ' ଅଭିଯାନ ଅଧୀନରେ ଡକ୍ଟର ମାଣ୍ଡବ୍ୟ ସେଠାରେ ଏକ ଚାରା ରୋପଣ କରିଥିଲେ। ବ୍ରିକ୍ସ ସଦସ୍ୟ ତଥା ଅଂଶୀଦାର ୧୧ଟି ରାଷ୍ଟ୍ରର ପ୍ରତିନିଧିମଣ୍ଡଳୀ ଏହି ଗସ୍ତରେ ଯାଇଥିଲେ।

## ବିଜେପି-ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ବିଜେପି ପକ୍ଷରୁ ମାସେ ବ୍ୟାପୀ **ସେବା ସଂକଳ୍ପ ଅଭିଯାନ** କରାଯିବ। ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡ଼େ କହିଛନ୍ତି, ଜନସେବା ପ୍ରତି ଶ୍ରୀ ମୋଦୀଙ୍କ ଅଙ୍ଗୀକାରବଦ୍ଧତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଏବଂ ଯୁବବର୍ଗଙ୍କୁ ସେବା କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ସେ କହିଛନ୍ତି, ଶ୍ରୀ ମୋଦୀ ୨୦୦୧ ମସିହା ଅକ୍ଟୋବର

୭ ତାରିଖରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଚଳିତ ବର୍ଷ ଏହାର ୨୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ମଧ୍ୟ ଏହି ଅଭିଯାନ ଗୁରୁତ୍ୱବହନ କରୁଛି। ଶ୍ରୀ ମୋଦୀଙ୍କ ବ୍ୟକ୍ତିତ୍ୱ ସହ ଜଡ଼ିତ ସେବା ଦୃଷ୍ଟିକୋଣ ଆଧାରରେ ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦେଶବ୍ୟାପୀ ୧୪ ଲକ୍ଷରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ରରେ ବିଜେପି କର୍ମୀ ପହଁଞ୍ଚି ଶିଶୁଙ୍କୁ ଉପଯୁକ୍ତ ପୁଷ୍ଟିସାର ପ୍ରଦାନ ଏବଂ ଲାଳନ ପାଳନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ମାନିତ କରିବେ। ସ୍ୱଚ୍ଛତା ଅଭିଯାନ ଏବଂ ଚାରାରୋପଣ ଆଦି ପଦକ୍ଷେପ ଗ୍ରହଣ କରାଯିବ। ବ୍ଲକସ୍ତରରେ ୧୫ ଦିନିଆ ସେବାସେତୁ ଅଭିଯାନ କରାଯିବା ନେଇ ଶ୍ରୀ ତାୱ୍ଡେ ଏହି ଅବସରରେ ସୂଚନା ପ୍ରଦାନ କରିଛନ୍ତି।

## ସିଜେଆଇ- ଲିଗାଲ ଫୋରମ୍

ସମୟୋଚିତ ନିଷ୍ପତ୍ତି ଗ୍ରହଣ କରୁଥିବା ନ୍ୟାୟ ବ୍ୟବସ୍ଥା ଆନ୍ତର୍ଜାତିକ ସ୍ତରରେ ବିଶ୍ୱାସ ସୃଷ୍ଟି କରେ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। ନୂଆଦିଲ୍ଲୀଠାରେ ଏକାଦଶ ବ୍ରିକ୍ସ ଆଇନଗତ ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ତ୍ୱରିତ ନ୍ୟାୟ ବ୍ୟବସ୍ଥା' ବ୍ୟବସାୟ କରିବାର ସହଜତାକୁ ସୁଦୃଢ଼ କରିବା ସହ ନିବେଶ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ନିର୍ଭରଶୀଳ ଭିତ୍ତିଭୂମି ପ୍ରଦାନ କରିଥାଏ। ସେ କହିଛନ୍ତି, ଆଇନର ଶାସନ ହେଉଛି' ଏଭଳି ଏକ ଭିତ୍ତିଭୂମି' ଯାହା ଉପରେ ସଭ୍ୟତାର ଆକାଂକ୍ଷା ନିର୍ଭର କରିଥାଏ। ବିଶ୍ୱ ବ୍ୟାଙ୍କିଙ୍ଗ୍ ବ୍ୟବସାୟ

କ୍ଷେତ୍ରରେ ସହଜତା ଦୃଷ୍ଟିରୁ ଭାରତ ଏବେ ଶୀର୍ଷ ୧୦୦ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ ହୋଇଛି। ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ନିର୍ଭରଯୋଗ୍ୟତା ଆନ୍ତର୍ଜାତିକ ନିବେଶକଙ୍କ ପାଖରେ ଦେଶର ବିଶ୍ୱସନୀୟତାକୁ ପ୍ରତିପାଦନ କରିଥାଏ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। ଆର୍ଥିକ ଅଭିବୃଦ୍ଧି, ନିବେଶ ପ୍ରୋତ୍ସାହନ କରିବାରେ ନ୍ୟାୟିକ ଦକ୍ଷତା, ସମୟୋଚିତ କାର୍ଯ୍ୟକାରିତା ଏବଂ ସ୍ୱଚ୍ଛ ଶାସନର ଗୁରୁତ୍ୱ ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ଅବସରରେ ଆଲୋକପାତ କରିଛନ୍ତି। ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନ୍ୟାୟପାଳିକା ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଏବଂ ବ୍ରିକ୍ସ ନ୍ୟାୟିକ ଫେଲୋସିପ୍ ଓ ସହଭାଗୀ ଆଇନଗତ ସଂଗ୍ରହାଳୟ ପ୍ରସ୍ତୁତ କରିବା ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି।

## ଏସ୍‌ସି- ଲୋକ ଅଦାଲତ

ସୁପ୍ରିମକୋର୍ଟ ସମାଧାନ ସମାରୋହ କାର୍ଯ୍ୟକ୍ରମ ଜରିଆରେ ତିନିଦିନ ବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଲୋକ ଅଦାଲତର ଆଜି ପ୍ରଥମ ଦିନରେ ୪୦୦ରୁ ଊର୍ଦ୍ଧ୍ୱ ମାମଲାର  ସମାଧାନ କରିଛନ୍ତି। ଏହି ମାମଲାଗୁଡ଼ିକ ମଧ୍ୟରେ ବିବାହ ଓ ସମ୍ପତ୍ତି ବିବାଦ, ମୋଟର ଦୁର୍ଘଟଣା ଜନିତ ଦାବି, ଜମିଜମା, ଖଜଣା, ଚାକିରି ଓ ଶ୍ରମ ସମ୍ପର୍କିତ ବିବାଦ ଯାହା ଉଚ୍ଚତମ ନ୍ୟାୟାଳୟରେ ଦୀର୍ଘଦିନ ଧରି ପଡ଼ି ରହିଥିଲା। ସୁପ୍ରିମକୋର୍ଟ କହିଛନ୍ତି, ମଧ୍ୟସ୍ଥତା ଏବଂ ସହମତି ଭିତ୍ତିରେ ବିବାଦର ସମାଧାନ ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୧୬ଟି ସ୍ୱତନ୍ତ୍ର ଲୋକ

ଅଦାଲତ ବେଞ୍ଚ ମାଧ୍ୟମରେ ସମାଧାନ ନିମନ୍ତେ ୬୦୦ରୁ ଊର୍ଦ୍ଧ୍ୱ ମାମଲା ପଞ୍ଜୀକୃତ ହୋଇଥିଲା । ପ୍ରତ୍ୟେକ ବେଞ୍ଚରେ ଦୁଇ ଜଣ ବିଚାରାପତି ଥିଲେ ଏବଂ ସେମାନଙ୍କୁ ବରିଷ୍ଠ ଆଇନଜୀବୀ, ଆଡଭୋକେଟ୍ସ ଅନ୍ ରେକର୍ଡ ଓ ଅନ୍ୟମାନେ ସହାୟତା କରିଥିଲେ । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଲୋକ ଅଦାଲତ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ ।

## ଗଭ୍‌-ଆଡଭର୍ଟାଇମେଣ୍ଟ

ଟେଲିଭିଜନ ଚ୍ୟାନେଲଗୁଡ଼ିକ ପାଇଁ ୧୨ ମିନିଟ୍ ଅବଧି ବିଶିଷ୍ଟ ବିଜ୍ଞାପନ ସଂକ୍ରାନ୍ତ ନିଷ୍ପତ୍ତିକୁ ସରକାର ପ୍ରତ୍ୟାହାର କରିଛନ୍ତି । କେବୁଲ ଟେଲିଭିଜନ ନେଟୱର୍କ ନିୟମ ୧୯୯୪ରେ ଏ ସଂକ୍ରାନ୍ତ ସଂଶୋଧନ କରାଯାଇଛି । ବିଜ୍ଞପ୍ତି ପ୍ରକାଶ ପରେ ଏହା କାର୍ଯ୍ୟକାରୀ ହୋଇଛି । ପ୍ରସାରଣ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଟେଲିଭିଜନ୍ ପ୍ରସାରଣ ମୁଖ୍ୟତଃ ବିଜ୍ଞାପନ ଉପରେ ବହୁଳଭାବରେ ନିର୍ଭରଶୀଳ । ଡିଜିଟାଲ ମିଡିଆରେ ବିଜ୍ଞାପନ ପ୍ରସାରଣ ନେଇ ସମୟସୀମାରେ କୌଣସି ପ୍ରତିବନ୍ଧକ ରହିନାହିଁ । ତୁଳନାତ୍ମକ ଭାବରେ ଏହାର ସମୀକ୍ଷା କରାଯାଇ ଟିଭି ଚ୍ୟାନେଲଗୁଡ଼ିକରେ ବିଜ୍ଞାପନ ପ୍ରସାରଣ ସମୟସୀମାରେ ଏଭଳି ପରିବର୍ତ୍ତନ କରାଯାଇଥିବା ମନ୍ତ୍ରଣାଳୟ କହିଛି । ୨୦୦୬ ମସିହାରେ ଦେଶରେ ୬୨ଟି ଚ୍ୟାନେଲ କାର୍ଯ୍ୟକ୍ଷମ ଥିବାବେଳେ ବର୍ତ୍ତମାନ ଏହା ୯୦୦ରୁ ଅଧିକ ହୋଇଛି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ

ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ବିଶ୍ୱକପ୍ ପ୍ରତିଯୋଗିତାରେ ମହିଳା ଯୋଡ଼ି ସେମିଫାଇନାଲ ପର୍ଯ୍ୟାୟରେ ଭାରତ ପରାସ୍ତ ହୋଇଛି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଚୀନ୍‌ର ପ୍ରତିଯୋଗୀଙ୍କଠାରୁ ୧୩-୨୧ ଓ ୮-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି।